## ଅଧ୍ୟାପକଙ୍କୁ ହାଣି ଲୁଟିଲେ ଦୁର୍ବୃତ୍ତ

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ ବୁରିପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପାଟପୁର ଥାନା ସିଙ୍ଗପୁର ଗ୍ରାମର କାଳୁ ଚରଣ ସାହୁଙ୍କୁ କେତେଜଣ ଦୁର୍ବୃତ୍ତ ଖଣ୍ଡାରେ ହାଣି ତାଙ୍କ ମୋବାଇଲ ଫୋନ,ମନିପର୍ସ ଲୁଟି ନେଇଛନ୍ତି। ମଙ୍ଗଳବାର ବାଇକରେ ଯାଉଥିବା ବେଳେ ଲୁଟର ଶିକାର ହୋଇଥିଲେ। କିଛି ବ୍ୟକ୍ତି ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରଛନ୍ତି।

## ଖବରକାଗଜ ବିତରକ ସଂଘର ୫.୪୧ ଲକ୍ଷ ଠକେଇ ଅଭିଯୋଗ

ବ୍ରହ୍ମପୁର, ୨୫ା୨(ସୁବାସ ଚନ୍ଦ୍ର ପାଢ଼ୀ)

ଖବରକାଗଜ ବିତରକ ସଂଘର ୫.୪୧ଲକ୍ଷ ଟଙ୍କା ଜଣେ ସଦସ୍ୟ ଠକେଇ କରିଥିବା ସଂଘ ସଭାପତି ହରିକୃଷ୍ଣ ପାଢ଼ୀ ଅଭିଯୋଗ କରିଛନ୍ତି। ଗୋଷାଣିନୁଆଗାଁ ପୋଲିସ ନଂ.୭୨/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୂର୍ବରୁ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଲିଜ ବୈଠକ ହୋଇଥିଲା। ୨୦୨୩ ଅକ୍ଟୋବର ୧୦ରୁ ୨୦୨୪ ଅକ୍ଟୋବର ୯ ତାରିଖ ପର୍ଯ୍ୟନ୍ତ ଲିଜ ଆହ୍ୱାନ କରାଯାଇଥିଲା। ବର୍ଷକ ପାଇଁ ୭ ଲକ୍ଷ ୫୧ ହଜାର ଟଙ୍କାରେ ଲିଜ ନେଇଥିଲେ ସଂଘର ଜଣେ ସଦସ୍ୟ। ସଂଘର ବ୍ୟାଙ୍କ ଆକାଉଣ୍ଟରେ ସେ ୨ଲକ୍ଷ ଟଙ୍କା ଜମା କରିଥିବା ବେଳେ ନଗଦ ୧୦ହଜାର ଟଙ୍କା ଦେବା ସହ ବଳକା ୫ଲକ୍ଷ ୪୧ହଜାର ଟଙ୍କା ଲିଜ ସରିବା ପରେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଲିଜ ଅବଧି ସରିବା ପରେ ମଧ୍ୟ ଏହି ଟଙ୍କା ସେ ପୈଠ କରିନଥିଲେ । ସଂଘ ପକ୍ଷରୁ ତାଙ୍କୁ ବାରମ୍ବାର ଏନେଇ ଅବଗତ କରାଯାଇଥିଲା। ଶେଷରେ ସେ ଓ ତାଙ୍କ ସ୍ତ୍ରୀ ସଭାପତିଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଜୀବନପ୍ରତି ବିପଦ ଥିବା ଦର୍ଶାଇ ସଭାପତି ଶେଷରେ ଏନେଇ ଥାନାରେ ଏତଲା ଦେଇଥିଲେ।

# ଜିଲ୍ଲାର ୨ ଜଳଭଣ୍ଡାର ପୁନରୁଦ୍ଧାର ହେବ



ଭଞ୍ଜନଗର ଜଳଭଣ୍ଡାରରେ ଜଳର ସ୍ଥିତି।

ବ୍ରହ୍ମପୁର,୨୫ା୨(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲାରେ ଜଳସମ୍ପଦ ବିଭାଗ ପକ୍ଷରୁ ଥିବା ଜଳଭଣ୍ଡାରଗୁଡିକ ପଟୁମାଟିରେ ପୋତି ହୋଇପଡିଲାଣି। ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦାବି ହେବା ପରେ ସବୁ ସୁରକ୍ଷିତ ବୋଲି ବାହାସ୍ଫୋଟ ମାରୁଥିବା ଜଳ ସମ୍ପଦ ବିଭାଗ ଏବେ ଦୁଇ ଜଳଭଣ୍ଡାରର ପନରୁଦ୍ଧାର କରିବା ପାଇଁ ଅଣ୍ଟା ଭିଡିଛି। ବ୍ରହ୍ମପୁର ଜଳସେଚନ ବିଭାଜନରେ ଧନେଇ, ଚିକିଟି ଜଳସେଚନ ବିଭାଜନରେ ଘୋଡାହାଡ, ବାଘଲଟି, ଘଟକେଶ୍ୱର ଏବଂ ଭଞ୍ଜନଗର ଜଳସେଚନ ବିଭାଜନ ଅଧୀନରେ ଭଞ୍ଜନଗର ଓ ସୋରଡା ଜଳଭଣ୍ଡାର ରହିଛି। ପ୍ରତିବର୍ଷ ବିଶେଷ କରି ଖରିଫ ଋତୁରେ ଧାନ ସହ ଅଣଧାନ ଚାଷ ପାଇଁ ଉକ୍ତ ଜଳଭଣ୍ଡାରରୁ ପାଣି ଯୋଗାଇ ଦିଆଯାଉଛି। କିନ୍ତୁ ପ୍ରତିବର୍ଷ ଖରିଫ ଋତୁରେ ପାଣିର ଅଭାବ ଦେଖାଦେଉଥିଲେ ମଧ୍ୟ ଡ୍ୟାମ ସେଫ୍ଟି ବିଭାଗ ଜଳଭଣ୍ଡାରଗୁଡିକର ସ୍ଥିତି ପ୍ରତି ଦୃଷ୍ଟି ନଦେଇ ନୀରବି ଯାଉଥିଲା। ଚଳିତବର୍ଷ ବିଭିନ୍ନ ଅଞ୍ଚଳରେ ପାଣି ଅଭାବ ଯୋଗୁ ଧାନ ଫସଲ ନଷ୍ଟ ହୋଇଥିଲା। ଯେନତେନ ପ୍ରକାରେ ଚାଷୀମାନେ ଫସଲର ସୁରକ୍ଷା କରିଥିଲେ। ପରେ କଥା ଉଠିଥିଲା ଜଳଭଣ୍ଡାରଗୁଡିକରୁ ପାଣି ନ ମିଳିବାରୁ ସ୍ଥିତି ଏଭଳି ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଚାଷୀଙ୍କୁ କିଭଳି ପାଣି ଦିଆଯିବ ସେଥିପ୍ରତି ସତର୍କ ରହିବାକୁ ଜଳ ସେଚନ ବିଭାଜନଗୁଡିକୁ ପରାମର୍ଶ ଦିଆଯାଇଥିଲା। ବର୍ତ୍ତମାନ ଗ୍ରୀଷ୍ମ ଆସିଯାଇଛି। ସବୁ ଜଳଭଣ୍ଡାର ଶୁଖି ଆସିଲାଣି। ତେବେ ଭଞ୍ଜନଗର ଓ ସୋରଡା ଜଳଭଣ୍ଡାର ପାନୀୟ ଜଳ ସାଙ୍ଗକୁ ସେଚ ବ୍ୟବସ୍ଥା ପ୍ରତି ବହୁଳ ବ୍ୟବହୃତ ହେଉଥିବାରୁ ସେଥିରୁ ପଟୁମାଟି କାଢ଼ିବା କଥା ଏବେ ଜଳସମ୍ପଦ ବିଭାଗର ମନେ ପଡିଛି। ତଥାପି ସବୁ ଜଳଭଣ୍ଡାର ସୁରକ୍ଷିତ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କୁହନ୍ତି ଚଳିତବର୍ଷ ପର୍ଯ୍ୟାପ୍ତ ପାଣି ଜଳଭଣ୍ଡାରଗୁଡିକରୁ ଚାଷୀଙ୍କୁ ମିଳିନାହିଁ। ଯେତିକି ପାଣି ଛଡାଯାଇଛି ତାହା ତଳମୁଣ୍ଡକୁ ଯାଇପାରିନାହିଁ। ତେଣୁ ଫସଲ ପ୍ରଭାବିତ ହୋଇଛି। ଜଳଭଣ୍ଡାରଗୁଡିକ ଦିନକୁ ଦିନ ପୋତି ହୋଇ ପଡୁଥିବାରୁ ଚାଷୀଙ୍କ ଚାଷ ପାଇଁ ପାଣିର ଅଭାବ ଦେଖାଦେଉଥିବା ସେ କହିଛନ୍ତି। ସମସ୍ତ ଜଳଭଣ୍ଡାରରୁ ପଟୁମାଟି କାଢ଼ିବା ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜୀବ କୁମାର ପଣ୍ଡିତଙ୍କୁ ପଚାରିବାରୁ ସେ କହିଲେ ଯେ, ଜିଲାରେ ଯେଉଁ ୬ ଜଳଭଣ୍ଡାର ରହିଛି ସବୁଥିରେ ପାଣି ଯେତିକି ରହିବା କଥା ରହୁଛି। ଚାଷୀଙ୍କୁ ପାଣି ଦିଆଯାଇଛି। ଚଳିତବର୍ଷ ଜଳାଭାବ କଥା ପଚାରିବାରୁ ସେ ବର୍ଷାକୁ ଦୋଷ ଦେଇ ଜଳଭଣ୍ଡାର ଠିକ ଥିବା କଥା କହିଥିଲେ। ବର୍ତ୍ତମାନ ଭଞ୍ଜନଗର ଜଳଭଣ୍ଡାରରୁ ପଟୁମାଟି କାଢ଼ିବା ପାଇଁ ପ୍ରସ୍ତୁତି ଚାଲିଛି। ସୋରଡା ଜଳଭଣ୍ଡାରରୁ ପଟୁମାଟି ପାଇଁ ଡିପିଆର ପ୍ରସ୍ତୁତ ହୋଇ ସାରିଛି। ତାହାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ। ଟେକ୍ନିକାଲ କମିଟି ମଂଜୁର କଲା ପରେ କାର୍ଯ୍ୟାରମ୍ଭ ହେବ ବୋଲି ସେ କହିଥିଲେ।

## ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକରଣ ସଂପର୍କିତ କର୍ମଶାଳା



ପଞ୍ଜୀକୃତ ଚାଷୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଉଛି।

ବ୍ରହ୍ମପୁର,୨୫ା୨(ସ୍ମୃତି ରଞ୍ଜନ ମହାଲିକ) ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜିକରଣ ସଂପର୍କିତ ଏକ କର୍ମଶାଳା ମଙ୍ଗଳବାର ପାଇକାରୀ ସମବାୟ ଭଣ୍ଡାର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ଯୋଜନା ଅଧୀନରେ ଜଳ ଚାଷ ବୀମା ସଂପର୍କରେ କର୍ମଶାଳାରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ଉପ ମତ୍ସ୍ୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଜାତୀୟ ମାଛ ଡିଜିଟାଲ ପ୍ଲାଟଫର୍ମର ସିନିଅର ଏକଜୁକୁଟିଭ ସ୍ମିତି ରେଖା ପତି, ଓରିଏଣ୍ଟାଲ ଇନ୍ସୁରାନ୍ସ ମୁଖ୍ୟ ପ୍ରବନ୍ଧକ (ବିଏମ) ନୃସିଂହ ପ୍ରସାଦ ପାଟଯୋଶୀ ଅତିଥି ରୂପେ ଯୋଗ ଦେଇଥିଲେ। ଅଣ ସଂଗଠିତ ମତ୍ସ୍ୟଜୀବୀ, ମାଛ ଧରାଳୀ, ମତ୍ସ୍ୟ ପାଳକ, ବ୍ୟବସାୟୀ, ପ୍ରକ୍ରିୟାକରଣକାରୀ, ମତ୍ସ୍ୟ ଉତ୍ପାଦନକାରୀ ଓ ଅନ୍ୟ ହିତାଧିକାରୀମାନେ କିଭଳି ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜିକରଣ ହେବେ ସେ ସଂପର୍କରେ ଅତିଥିମାନେ ସୂଚନା ଦେଇଥିଲେ। ଏହି ପଞ୍ଜିକରଣ ଦ୍ୱାରା ମତ୍ସ୍ୟ ଚାଷ ମୂଲ୍ୟ ଶୃଙ୍ଖଳାର ଦକ୍ଷତା ବୃଦ୍ଧି, ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ସୁରକ୍ଷା ଏବଂ ଗୁଣାତ୍ମକ ନିଶ୍ଚିତତା ଗ୍ରହଣ ଓ ଯୋଜନାର ଲାଭ ହାସଲ କରିବା ପାଇଁ ଚାଷୀମାନେ ପଞ୍ଜିକରଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଜିଲାର ବିଭିନ୍ନ ବ୍ଲକରୁ ପ୍ରାୟ ୧୦୦ଚାଷୀ ଉପସ୍ଥିତ ଥିଲେ। କର୍ମଶାଳାରେ ୮୧ ଚାଷୀ ଯୋଜନାରେ ପଞ୍ଜିକୃତ କରିଥିବା ବେଳେ ୧୫ ଜଣଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ଚାଷୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଜିଲା ମତ୍ସ୍ୟ ଅଧିକାରୀ ନିମାଇଁଚରଣ ବସ୍ତିଆ ଧନ୍ୟବାଦ ଦେଇଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ସନ୍ତୋଷିତା ପ୍ରଧାନ, ମୋନାଲିସା ମିଶ୍ର, ଶ୍ୱେତା ବେହେରା ଓ ଅଙ୍କିତା କର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ମହାଶିବରାତ୍ରି ବ୍ରତ ପାଇଁ କମାପଲ୍ଲୀ ଛକରେ ଆଖୁ, ଫୁଲର ପସରା। (ଫଟୋ: ସମୀର ରଥ)

ଋଷିକୁଲ୍ୟା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ

## ସୋରଡ଼ାକୁ ହରାଇ ଦଶପଲ୍ଲା ସେମିରେ

ସୋରଡା,୫ା୨(ରଜନୀ ମହାପାତ୍ର)

ସୋରଡା ଋଷିକୁଲ୍ୟା କ୍ରିକେଟ କ୍ଲବ ଆନୁକୁଲ୍ୟରେ ଆୟୋଜିତ ୧୫ତମ ବର୍ଷି ମେମୋରିଆଲ ଟ୍ରଫିରେ ମଙ୍ଗଳବାର କ୍ୱାର୍ଟର ଫାଇନାଲ ମ୍ୟାଚ ସୋରଡା ଋଷିକୁଲ୍ୟା କ୍ରିକେଟ କ୍ଲବ ସହ ଦଶପଲ୍ଲା ମଧ୍ୟରେ ହୋଇଥିଲା। ଋଷିକୁଲ୍ୟା କ୍ରିକେଟ କ୍ଲବ ଟସ ଜିତି ବ୍ୟାଟିଂ କରିବା ପାଇଁ ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୨୦୧ ରନ ସଂଗ୍ରହ କରିଥିବା ବେଳେ ଦ୍ୱିତୀୟ ଇନିଙ୍ଗସ ରେ ଦଶପଲା ଆବଶ୍ୟକ ରନ ୧୮ ଓଭର ଖେଳି ସଂଗ୍ରହ କରିଛି। ଦଶପଲା ଦଳର ଭାସ୍କରଙ୍କ ଉତ୍ତମ ବୋଲିଂ ଓ ବ୍ୟାଟିଂ ପ୍ରଦର୍ଶନ ପାଇଁ ତାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ବିବେଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ସିଆରସିସି ତଥା ଶିକ୍ଷକ ଅରୁଣ କୁମାର ବେହେରା ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବିଧୁ ଭୂଷଣ ଦାସ ଓ ଟିକିନା ମହାରଣା ଅମ୍ପାୟର ରହିଥିଲେ । ସୁଶାନ୍ତ ପାତ୍ର ଓ ପ୍ରବୀଣ ମାଳବିଷୋୟୀ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ରାଜା ପଣ୍ଡା ଓ ବାଦଲ ପ୍ରମୁଖ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସୋରଡା ମିନି ଷ୍ଟାଡିୟମରେ ଋଷିକୁଲ୍ୟା କ୍ରିକେଟ କ୍ଲବ ତରଫରୁ ଜିଲ୍ଲା ସ୍ତରୀୟ ଏହି କ୍ରିକେଟ ଟୁର୍ନାମେଣ୍ଟରେ ୧୬ଟି କ୍ରିକେଟ ଟିମ ଅଂଶ ଗ୍ରହଣ କରିଛନ୍ତି । ଏହି କ୍ରିକେଟ ଟୁର୍ନାମେଣ୍ଟ ଆଗାମୀ ମାର୍ଚ୍ଚ ମାସ ୩ ତାରିଖ ଯାଏଁ ଚାଲିବ ବୋଲି କ୍ରିକେଟ କ୍ଲବ ତରଫରୁ କୁହାଯାଇଛି।

## ଅନାସ୍ଥାରେ ପଦ ହରାଇଲେ ପାଇଲପଡ଼ା ସରପଞ୍ଚ

ବେଲଗୁଣ୍ଠା,୨୫ା୨ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ ପାଇଲିପଡା ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଜୟରାମ ନାୟକ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବରେ ନିଜର ପଦ ହରାଇଛନ୍ତି। ଗତ ନଭେମ୍ବର ୩୦ ତାରିଖରେ ପାଇଲିପଡା ସରପଞ୍ଚ ଜୟରାମ ନାୟକଙ୍କ ବିରୋଧରେ ୱାର୍ଡ ମେମ୍ବରମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ ଏବଂ ଭୋଟ ଗ୍ରହଣ ହୋଇଥିଲା । ଏଥିରେ ସରପଞ୍ଚ ଓ ୧୯ ଜଣ ୱାର୍ଡ ସଭ୍ୟାସଭ୍ୟ ନିଜର ମତ ସାବ୍ୟସ୍ତ କରିଥିଲେ। କିନ୍ତୁ କୋର୍ଟଙ୍କ ନିର୍ଦ୍ଦେଶରେ ଫଳାଫଳ ଘୋଷଣା ହୋଇପାରିନଥିଲା । ଭୋଟ ବାକ୍ସକୁ ଭଞ୍ଜନଗର ଟ୍ରେଜେରି ଷ୍ଟ୍ରଙ୍ଗ ରୁମରେ ରହିଥିଲା । ଫଳରେ ଭାଜପା ତରଫରୁ ଏହାକୁ କୋର୍ଟରେ ଅପିଲ କରାଯାଇଥିଲା । କୋର୍ଟ ଏହି ଅପିଲ ସପକ୍ଷରେ ରାୟ ଦେଇ ୨୪ ତାରିଖରେ ଭୋଟ ବାକ୍ସ ଖୋଲି ଗଣତି ଓ ଫଳାଫଳ ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପ୍ରକାରେ ମଙ୍ଗଳବାର ବେଲଗୁଣ୍ଠା ତହସିଲଦାର ତଥା ନିର୍ବାଚନ ଅଧିକାରୀ କଳାକୃଷ୍ଣ ପ୍ରଧାନଙ୍କ ଉପସ୍ଥିତିରେ ଭୋଟ ବାକ୍ସ ଖୋଲାଯାଇଥିଲା । ଏଥିରେ ୧୪ ଜଣ ଅନାସ୍ଥା ସପକ୍ଷରେ ମତଦାନ କରିଥିବା ବେଳେ ୬ ଜଣ ଅନାସ୍ଥା ବିପକ୍ଷରେ ଭୋଟ ଦେଇଥିବାରୁ ସରପଞ୍ଚ ଜୟରାମ ନାୟକଙ୍କ ପଦ ରଦ୍ଦ ହୋଇଥିବା ଘୋଷଣା କରାଯାଇଥିଲା। ଜିଲ୍ଲାପାଳଙ୍କୁ ଏ ନେଇ ଅବଗତ କରାଯାଇଥିଲା । ପାଇଲିପଡା ପଞ୍ଚାୟତ ନୁଆଗଡ ଗ୍ରାମର ୧୪ ନମ୍ବର ୱାର୍ଡ଼ ମେମ୍ବର ତଥା ନାଏବ ସରପଞ୍ଚ ସଲିଳା ମହାରଣା ଆଭ୍ୟନ୍ତରୀଣ ସରପଞ୍ଚ ଭାବେ ଦାୟିତ୍ୱ ନିର୍ବାହ କରିବା ନେଇ ଜିଲ୍ଲାପାଳଙ୍କ ଚିଠି ନମ୍ବର ୨୬୨ ପ୍ରକାରେ ନିର୍ଦ୍ଦେଶ ଦେଇଛନ୍ତି। ଗାଙ୍ଗପୁର ଥାନା ଅଧିକାରି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ହୋଇଥିଲା।

## ଦୋଳଯାତ୍ରା ପାଇଁ ଶାନ୍ତି କମିଟି ବୈଠକ, ଡିଜେ ସମ୍ପୂର୍ଣ୍ଣ ନିଷେଧ

ଗଞ୍ଜାମ,୨୫ା୨(ବିଦ୍ୟାଧର ସାହୁ)

ଆସନ୍ତା ୧୦ ତାରିଖରୁ ଗଞ୍ଜାମ ସହରରେ ଆରମ୍ଭ ହେବ ଐତିହାସିକ ଦୋଳ ଯାତ୍ରା। ଏହି ଯାତ୍ରା ୫ଦିନ ଧରି ଲାଗି ରହିବ। ଏଥିପାଇଁ ଗଞ୍ଜାମ ଥାନା ପୋଲିସ ପକ୍ଷରୁ ବିଭିନ୍ନ ସାହି ବାସୀ ଯାତ୍ରା ପରିଚାଳନା କମିଟିକୁ ନେଇ ଏକ ଶାନ୍ତି କମିଟି ବୈଠକ ମଙ୍ଗଳବାର ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରୋବେସନାରୀ ଆଇପିଏସ ମନୀଷ ସଗୁନ ଅଧକ୍ଷତା କରିଥିଲେ। ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ଥାନା ଆଇଆଇସି ସୁମିତ୍ରା ପାତ୍ର, ଏସଆଇ ଅନିରୁଦ୍ଧ ସ୍ୱାଇଁ, ଜି ଅନନ୍ତ ରାଓ ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଥମେ ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାରେ ସମାପନ ହେବ ସେଥିଲାଗି ସମସ୍ତ ସାହି କମିଟିର ମତାମତ ଲୋଡ଼ିଥିଲା ପୋଲିସ। ଯାତ୍ରାରେ ଶବ୍ଦ ପ୍ରଦୂଷଣ ତଥା ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଯାତ୍ରା ସମୟରେ କୌଣସି ବିଶୃଙ୍ଖଳାକୁ ପ୍ରଶୟ ଦିଆଯିବ ନାହିଁ ବୋଲି ଥାନା ପକ୍ଷରୁ କୁହାଯାଇଥିଲା। ସମସ୍ତ ସାହି ଯାତ୍ରା ପୂର୍ବରୁ ସାଉଣ୍ଡ ପରିମିଶନ ଆଣିବାକୁ କୁହାଯାଇଛି। ଏଥିରେ ଖିଲାପ କଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନି ଦିଆଯାଇଥିଲା। ଯାତ୍ରା ସମୟରେ ସବୁ ମଦ ଦୋକାନ ବନ୍ଦ କରାଯିବା ନେଇ ଆଲୋଚନା ହୋଇଥିଲା। ଯଦି କୌଣସି ଲୋକ ମଦ୍ୟପାନ କରି ବିଶୃଙ୍ଖଳା କରେ ସେଥିପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବଜାର ଯାତ୍ରା ଦିନ କୌଣସି ବାଇକ କିମ୍ବା ଚାରି ଚକିଆ ଯାନ ବଜାର ମଧ୍ୟକୁ ପ୍ରବେଶ କରିବ ପାରିବ ନାହିଁ। ଏଥିପାଇଁ ବିଭିନ୍ନ ଗଳି ରାସ୍ତା ସିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବ ନିର୍ଦ୍ଧାରିତ ସମୟରେ ସମସ୍ତ ସାହି ଦୋଳ ବିମାନ ଯାତ୍ରା ସ୍ଥଳୀ ଠାରେ ପହଞ୍ଚିବେ। ଦୋଳ ବିମାନ ଯିବା ସମୟରେ ପ୍ରତ୍ୟେକ ସାହି ସହ ପୋଲିସ ମୁତୟନ କରାଯିବ। ପ୍ରକାଶ ଯୋଗ୍ୟ ଏହି ଦୋଳଯାତ୍ରାରେ ବାରଟି ୱାର୍ଡର ପ୍ରାୟ ଷୋହଳ ମେଢ଼ ସ୍ଥାନ ପାଇବ। ସମସ୍ତ ସାହିର ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବିରଜାମାନ କରାଯାଇ ଠାକୁର ବଜାରରେ ପହଞ୍ଚିବା ପରେ ବଜାର ଯାତ୍ରା ଅନୁଷ୍ଠିତ ହେବ। ତାହାର ପୂର୍ବ ଦିନ ସାହି ଯାତ୍ରା। ସାହି ଯାତ୍ରା ସମୟରେ ମଧ୍ୟ ପୋଲିସ ମୁତୟନ ହେବେ ବୋଲି ଥାନା ପୋଲିସ ପକ୍ଷରୁ କୁହାଯାଇଛି। ସାହି କମିଟି ପକ୍ଷରୁ ଗୌରୀ ଶଙ୍କର ବାରିକି, ବଡ଼ସାହି ଯାତ୍ରା ପରିଚାଳନା କମିଟି ସଭାପତି କାର୍ତ୍ତିକ ତରାଇ, ଶିବରାମ ଜେନା, କୈଳାଶ ସାହୁ, ମଦନ ପାଢ଼ୀ, ନୀଳାଞ୍ଚଳ ବାରିକି, ଅଜୟ ବାରିକି, ରାମଚନ୍ଦ୍ର ବେହେରା, ସଞ୍ଜୟ ପଣ୍ଡା, ନିରଞ୍ଜନ ପରିଡା, କାମା ରେଡ଼ି, ପପୁ ମହାନ୍ତି, ଶୋନୁ ପାଢ଼ୀଙ୍କ ସମେତ ସମସ୍ତ ସାହିର କମିଟି ସଭ୍ୟ ଉପସ୍ଥିତ ଥିଲେ।

## କ୍ଷତିପୂରଣ ପାଇଁ ନିର୍ବାହୀ ଯନ୍ତ୍ରୀ, ଭାଜପା ନେତା ଯୁକ୍ତିତର୍କ

### ବିଦ୍ୟୁତ୍ ଆଘାତରେ ଛାତ୍ରଙ୍କ ୨ ହାତ କଟିବା ଘଟଣା

ଦିଗପହଣ୍ଡି,୨୫ା୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କରପଡା ଗ୍ରାମର ୧୦ମ ଶ୍ରେଣୀ ଛାତ୍ର ରବି ବେହେରା ତାଙ୍କ ଘର ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ନିର୍ମାଣାଧୀନ ଘର କାନ୍ଥରେ ଚଢ଼ି ଗତ ସେପ୍ଟେମ୍ବର ୬ ତାରିଖ ଭୋରରେ ଗଛରୁ ଫୁଲ ତୋଳୁଥିବା ବେଳେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ଜୀବନ ପ୍ରତି ବିପଦ ରହିଥିବାରୁ ତାଙ୍କ ୨ ହାତକୁ କାଟବାକୁ ପଡିଥିଲା। ଏପରି ଏକ ହୃଦୟ ବିଦାରକ ଘଟଣା ଘଟିବାର ୫ ମାସ ବିତିଯାଇଥିଲେ ମଧ୍ୟ ସରକାର କିମ୍ବା ବିଦ୍ୟୁତ୍ ବିଭାଗ ପକ୍ଷରୁ ତାଙ୍କୁ କୌଣସି ଆର୍ଥିକ ସହାୟତା ଯୋଗାଇ ଦିଆଯାଇନାହିଁ। ମଙ୍ଗଳବାର ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢୀଙ୍କ ନେତୃତ୍ୱରେ ପରିବାର ଲୋକେ ଦିଗପହଣ୍ଡି ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାହୀ ଯନ୍ତ୍ରୀ ଇଂ. ବିଶ୍ୱ ନାରାୟଣ ରାଉତଙ୍କ ସହ ଘଟଣା ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାରେ ବିଳମ୍ବକୁ ନେଇ ନିର୍ବାହୀ ଯନ୍ତ୍ରୀ ଏବଂ ଶ୍ରୀକାନ୍ତଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ନିର୍ବାହୀ ଯନ୍ତ୍ରୀ ଏବଂ ଉପସ୍ଥିତ ପରିବାର ଲୋକଙ୍କ ଆପୋଷ ବୁଝାମଣା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିଭାଗର ଇଲେକ୍ଟ୍ରିକାଲ ଇନ୍ସପେକ୍ଟରଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ ସେ ବର୍ତ୍ତମାନ ସୁଦ୍ଧା ତଦନ୍ତ କରିବାକୁ ଆସିନାହାନ୍ତି। ସେ ଘଟଣାର ଅନୁସନ୍ଧାନ କରି ବିଭାଗକୁ ରିପୋର୍ଟ ପ୍ରଦାନ କରିବେ। ବିଦ୍ୟୁତ ବିଭାଗର ଅବହେଳା ପ୍ରମାଣିତ ହେଲେ ନିଶ୍ଚିତ ଭାବରେ ଆହତ ଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଭୀମ ଭୋଇ ସାମର୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମ

ଜି.ଉଦୟଗିରି,୨୫ା୨(ଚିନ୍ମୟ କୁମାର ସେଠୀ)

ଏମଏମସି ମେଡ଼ିକାଲ ପରିସରରେ ସାମାଜିକ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓଡ଼ିଶା ପକ୍ଷରୁ ଜି.ଉଦୟଗିରି ବିଡିଓ ମନୋଜ ଦେବତାଙ୍କ ତତ୍ତ୍ୱାବଧାନରେ ଭୀମଭୋଇ ସାମର୍ଥ ଅଭିଯାନ ଶିବିର ଅନୁଷ୍ଠିତ ହୋଇଛି। ଜି.ଉଦୟଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ୮ଟି ପଞ୍ଚାୟତରୁ ୪୦୬ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଥିଲେ। ପରୀକ୍ଷା ପରେ ୨୭୧ ଜଣ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଶ୍ରବଣ ବାଧିତ ୭୦ ଜଣ, ସିକିଲସେଲ ୧୦, ମାନସିକ ଭିନ୍ନକ୍ଷମ ୫୬, ଚକ୍ଷୁଜନିତ ୧୨, ଅସ୍ଥିଶଲ୍ୟ ଭିନ୍ନକ୍ଷମ ୧୨୩ ରହିଛନ୍ତି। ୧୩୫ ଜଣଙ୍କ ଆବେଦନ ପତ୍ର ନାକଚ ହୋଇଛି। ୧୨ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଯେଉଁମାନେ ଯୋଗ୍ୟ ବିବେଚିତ ହୋଇଛନ୍ତି ସେମାନଙ୍କୁ ପ୍ରମାଣ ପତ୍ର, ଆବଶ୍ୟକ ଯନ୍ତ୍ରାଂଶ ଯୋଗେଇ ଦେବା ଓ ଭିନ୍ନକ୍ଷମ ଭତ୍ତା ଦେବାର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି। ଏମଏମସି ମେଡ଼ିକାଲ ଅଧିକାରୀ ଡା. ଦୀପକ ମଲ୍ଲିକଙ୍କ ନେତୃତ୍ୱରେ ସେଠାରେ ଅଧ୍ୟୟନରତ ଜିଏନଏମ, ଏଏନଏମ ଛାତ୍ରୀଛାତ୍ରମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବିଏସଏସଓ ସଙ୍ଗୀତା ବେହେରା, ଏପିଓ ଗାୟତ୍ରୀ ସାହୁ, ଡବ୍ଲୁଇଓ ରୋଜାଲିନ ନାୟକ, ସନ୍ତୋଷ ପାତ୍ର, ମାନୁଏଲ ନାୟକ, ବିଶ୍ୱଜିତ ନାୟକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା, ପୁରୁଷ ।

## ଲୋପାମୁଦ୍ରା ରାଉତରାୟଙ୍କୁ ସୋରଡ଼ା ବିଇଓ ଦାୟିତ୍ୱ

ସୋରଡା,୨୫ା୨(ରଜନୀ ମହାପାତ୍ର)

ସୋରଡା ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ଭାବେ ଲୋପମୁଦ୍ରା ରାଉତରାୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସୋରଡାର ପୂର୍ବତନବିଇଓ ପ୍ରିୟଦର୍ଶିନୀ ନାୟକଙ୍କ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକକୁ ବଦଳି ହେବା ପରେ ଏହି ପଦବୀ ଖାଲି ରହିଥିଲା। ଏବିଇଓ ସୁଶିଳା ପାତ୍ର ଏହି ଦାୟିତ୍ୱରେ ଥିଲେ। ମାତ୍ର ତାଙ୍କର ଡିଡିଓ କ୍ଷମତା ନ ଥିଲା। ଏ ସମ୍ପର୍କରେ ସୋରଡା ବିଧାୟକ ନୀଳମଣି ବିଷୋୟୀ ସୂଚନା ପାଇବା ପରେ ରାଜ୍ୟ ପ୍ରାଥମିକ ଶିକ୍ଷା ବିଭାଗ ନିର୍ଦ୍ଦେଶାଳୟ ସହ ଯୋଗାଯୋଗ କରି ଶୀଘ୍ର ବିଇଓ ପଦବୀ ପୂରଣ କରିବା ପାଇଁ ଦାବି କରିଥିଲେ। ଫଳରେ ନିର୍ଦ୍ଦେଶାଳୟ ତରଫରୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନମା ପ୍ରକାରେ ବଡଗଡ ହାଡୁ ସରାବ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲୋପମୁଦ୍ରା ରାଉତରାୟ(ଓଇଏସ)ଙ୍କୁ ବର୍ତ୍ତମାନ ସୋରଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଭାଗର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ।

# ପୋଷ୍ଟକାର୍ଡ ଅଭିଯାନରେ ଆନ୍ଦୋଳନ ଚେତାବନୀ

## ଗଞ୍ଜାମ ଜିଲା ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ବୈଠକ



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଦସ୍ୟମାନେ।

ବ୍ରହ୍ମପୁର,୨୫ା୨(ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲା ଓଡ଼ିଶା ସାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପୋଷ୍ଟକାର୍ଡ ଅଭିଯାନର ଶୁଭାରମ୍ଭ କରି ଦାବି ପୂରଣ ପାଇଁ ଆନ୍ଦୋଳନ ଚେତାବନୀ ଦେଇଛି। ମଙ୍ଗଳବାର ବ୍ରହ୍ମପୁର ସିଡିଏମଓ କାର୍ଯ୍ୟାଳୟର ନୂତନ ସଭା ଗୃହରେ ଅନୁଷ୍ଠିତ ବୈଠକରୁ ଏହା ସ୍ପଷ୍ଟ ହୋଇଛି। ଏଥିରେ ୧୩୫ କର୍ମଚାରୀଙ୍କ ସହ ସଂଘର ରାଜ୍ୟ ସଭାପତି ପଞ୍ଚାନନ ଦାଶ ଯୋଗଦେଇଥିଲେ। ଆନ୍ଦୋଳନ ଚେତାବନୀ ଲେଖାଥିବା ପ୍ରାୟ ୪୨୦୦ ପୋଷ୍ଟକାର୍ଡକୁ ମୁଖ୍ୟମନ୍ତ୍ରୀ, ଭାଜପା ସଭାପତି, ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ସାସ୍ଥ୍ୟମନ୍ତ୍ରୀ, ଭା ଜ ପା ସଭାପତି, ସାସ୍ଥ୍ୟ ସଚିବ ଓ ସାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଓଡ଼ିଶାଙ୍କୁ ପଠାଯିବାକୁ ସ୍ଥିର କରାଯାଇଛି। ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦୀର୍ଘ ୨୦ ବର୍ଷ ଧରି କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଦାବି ପୂରଣ ନହେବାରୁ ଏଭଳି ନିଆରା ଅଭିଯାନ ଆରମ୍ଭ ହୋଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟ କଥା ବୁଝୁଥିବା କର୍ମଚାରୀଙ୍କ ନିଜ ସ୍ୱାସ୍ଥ୍ୟ ବିପଦରେ ପଡିଛି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସହ ସହ ଯୋଜନାରେ ନିଜକୁ ପୂର୍ଣ୍ଣ ସମର୍ପିତ କରି ଓଡ଼ିଶା ସାସ୍ଥ୍ୟ ବିଭାଗକୁ ଜାତୀୟ ସ୍ତରରେ ପହଞ୍ଚାଇବାରେ ତ୍ୟାଗ ସ୍ୱୀକାର କରିଛନ୍ତି। କାଲି ଏତିକି ନୁହେଁ ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ଏବଂ କରୋନା ମହାମାରୀ ରୋଗର ସଫଳତାର ସହିତ ସଠିକ ପରିଚାଳନା କରିଚାଲିଛନ୍ତି। ପୂର୍ବ ସରକାରଙ୍କୁ ବାରମ୍ବାର ଗୁହାରୀ କରି ବିଫଳ ହୋଇଥିବାବେଳେ ନୂଆ ସରକାରଙ୍କ ନିକଟରେ ୮ ମାସ ହେଲା ଦାବି କରି ଆସୁଛନ୍ତି। ଏହାରି ମଧ୍ୟରେ ଅନେକ କର୍ମଚାରୀ ତାଙ୍କର ଯୁବାବସ୍ଥା ହରାଇ ସାରିଲେଣି ତ ଅନେକ ନିଜର ମାନସିକ ଦୁଶ୍ଚିନ୍ତା କାରଣରୁ ବହୁ ରୋଗରେ ଶିକାର ହୋଇ ବିଗତ ୩ ମାସ ମଧ୍ୟରେ ୭ କର୍ମଚାରୀଙ୍କ ମୃତ୍ୟୁ ହେଲାଣି। ତେଣୁ ଲୋକଙ୍କ ସରକାର, ଲୋକଙ୍କ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଯଦି ଆଗମୀ ଦିନରେ ସାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ମାନଙ୍କ ଚାକିରି ସ୍ଥାୟୀ କରିବା, ସର୍ବନିମ୍ନ ଦରମା ୪୦ ହଜାର, ନିଃଶୁଳ୍କ ପରିବାର ସାସ୍ଥ୍ୟବୀମା, ଘରଭଡା ଓ ମହଙ୍ଗା ଭତ୍ତା ସହିତ ସରକାରୀ ନିୟମ ଅନୁସାରେ ଛୁଟି ପ୍ରଦାନ ଇତ୍ୟାଦି ଦାବି ନ ଶୁଣିଲେ ଅସନ୍ତୋଷର ନିଆଁ ଜଳିବ ବୋଲି ଉକ୍ତ ପୋଷ୍ଟକାର୍ଡରେ ଉଲ୍ଲେଖ ରହିଛି ବୋଲି ଓଡ଼ିଶା ସାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ଜିଲ୍ଲା ସମ୍ପାଦକ ମହେଶ କୁମାର ସାହୁ କହିଛନ୍ତି। ଏଥି ସହିତ ସରକାରଙ୍କ ସମସ୍ତ କାର୍ଯ୍ୟରେ ଅସହଯୋଗ କରାଯିବ ବୋଲି କୁହିଛନ୍ତି। ଏ ବୈଠକରେ କୋଷାଧ୍ୟକ୍ଷ ଏ. ଶଙ୍କର ରେଡି,ଜିଲା ଉପ ସଭାପତି ଅନନ୍ତ କୁମାର ନାୟକ, ଯୁଗ୍ମ ସମ୍ପାଦକ ରିଣ୍ଟୁ କୁମାର ନନ୍ଦ, ଜିଲା ସଂଯୋଜକ ବିଦେଶୀ ଜେନା, ରାଜ୍ୟ ସଂଯୋଜକ ସଂଜୟ କୁମାର ପରିଡା, ଜୋନାଲ ସଂଯୋଜକ ଆଶିଷ କୁମାର ମିଶ୍ର, ଜିଲା ସ୍ୱାସ୍ଥ୍ୟ ମିଶନ ଜିଲା ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

